# କୃଷି ଋଣରୁ ମୁକ୍ତ କୃଷକ ବିଧେୟକ, ୨୦୧୭  (ସାରାଂଶ)

**ଆଲୋକପାତ:**

ଏହି ବିଧେୟକ ବା ବିଲଟି ଦୁଇଟି ଦିଗ ଉପରେ ଆଲୋକପାତ କରେ :

୧। ତୁରନ୍ତ କୃଷକର ସମସ୍ତ ଋଣ ଛାଡ କରିବା, ଅର୍ଥାତ ବର୍ତ୍ତମାନ ତା' ଉପରେ ଥିବା ସମସ୍ତ ଋଣ ଛାଡ କରିବା, ଏବଂ

୨। ଭବିଷ୍ୟତରେ କୃଷକମାନଙ୍କୁ ଋଣ କବଳରୁ ସୁରକ୍ଷିତ ରଖିବା ନିମନ୍ତେ ଏକ ସ୍ୱତନ୍ତ୍ର କୃଷକ ଋଣ ଉପଶମ ଆୟୋଗ ପ୍ରତିଷ୍ଠା କରିବା ।

ତୁରନ୍ତ ଋଣ ଛାଡ କରିବାର ପ୍ରକ୍ରିୟା ସରକାର ସିଧାସଳଖ କାର୍ଯ୍ୟକାରୀ କରିବେ, ଏଥି ପାଇଁ ଆୟୋଗର ଆବଶ୍ୟକତା ନାହିଁ । ଋଣ କହିଲେ ଆନୁଷ୍ଠାନିକ ବ୍ୟାଙ୍କରୁ ନେଇଥିବା ଋଣ ସହିତ ଅଣଆନୁଷ୍ଠାନିକ କ୍ଷେତ୍ରରୁ ନେଇଥିବା ଋଣ, ଉଭୟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ତୁରନ୍ତ ଋଣ ଛାଡ କରିବାକୁ ସରକାର ପ୍ରଥମେ ନିୟମାନୁଯାୟୀ ସମସ୍ତ ଅଣଆନୁଷ୍ଠାନିକ ଋଣକୁ ଆନୁଷ୍ଠାନିକ ଋଣରେ ପରିବର୍ତ୍ତନ କରିବେ ଓ ତା' ପରେ ଆଇନ ଅନୁଯାୟୀ ସମସ୍ତ ଆନୁଷ୍ଠାନିକ ଋଣ ଛାଡ କରିବେ।

ଭବିଷ୍ୟତରେ, କୃଷକ ଋଣ ଉପଶମ ଆୟୋଗଙ୍କ ହାତରେ କେତେଗୁଡିଏ କ୍ଷମତା ରହିବ, ଯଥା :

- ପ୍ରପୀଡିତ-ଅଞ୍ଚଳ ଓ (କୁ)ପ୍ରଭାବିତ ଫସଲ ଘୋଷଣା କରିପାରିବେ,
- ସେହି ଅଞ୍ଚଳରେ ଋଣ ଉପଶମକାରି ପଦକ୍ଷେପ ନେଇପାରିବେ,
- ଆବଶ୍ୟକ ସ୍ଥଳେ ସୁଧ ହାର କମ କରି ଋଣ ବୋଝ ହାଲୁକା କରିପାରିବେ,
- କୌଣସି ନିର୍ଦ୍ଦିଷ୍ଟ ଋଣ ଛାଡ କରିବା ପାଇଁ ସୁପାରିଶ କରିପାରିବେ,
- ଅଣଆନୁଷ୍ଠାନିକ ଋଣକୁ ଆନୁଷ୍ଠାନିକ ଋଣରେ ପରିବର୍ତ୍ତନକରିବା ପାଇଁ ବୈଧାନିକ ଆଦେଶ ଦେଇପାରିବେ,
- ଋଣ ପରିଶୋଧ କରିବା ସମୟ ସୀମା ତିନି ବର୍ଷ ପର୍ଯ୍ୟନ୍ତ ବଢାଇପାରିବେ ।

ରାଜ୍ୟ ସ୍ତରରେ ଏକ ଆଦର୍ଶ ଆଇନ ପ୍ରବର୍ତ୍ତନ ପାଇଁ ମଧ ଏହି ବିଲରେ ଉଲ୍ଲେଖ କରାଯାଇଛି। ଏଥି ଅନୁସାରେ ରାଜ୍ୟ ସ୍ତରୀୟ କୃଷି ଋଣ ଉପଶମ ଆୟୋଗ ଗଠନ କରାଯିବ। ଏହି ଆୟୋଗ ସମବାୟ ସଂସ୍ଥାର ଋଣ, ସମସ୍ତ ଅଣଆନୁଷ୍ଠାନିକ ଋଣ ପରି ସବୁ ଉତ୍ସରୁ ଋଣ ଛାଡ କରିବାର ପ୍ରକ୍ରିୟା ପରିଚାଳନା କରିବେ। ଜୋର ଜବରଦସ୍ତି କରିବା ବା ଓ ସମ୍ପତ୍ତି ନିଲାମ ଆଦି କରିବାର କାର୍ଯ୍ୟକୁ ନିୟନ୍ତ୍ରଣ କରିବେ।

ଭବିଷ୍ୟତରେ ଋଣଗ୍ରସ୍ତତା ହ୍ରାସ କରିବାକୁ ଫଳପ୍ରଦକାରି ଫସଲ ବୀମା, ବିପର୍ଯ୍ୟ ଉପଶମ ଓ କମ ବ୍ୟୟରେ ସୁସ୍ଥାୟୀ କୃଷି ପ୍ରକ୍ରିୟା ବିଷୟରେ ଏହି ବିଲରେ ପ୍ରାଧାନ୍ୟ ଦିଆଯାଇଛି।

ଏହା, ଗତ ନଭେମ୍ବର ୨୦, ୨୦୧୭ରେ ସର୍ବ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ କମିଟିର ପାର୍ଲାମେଣ୍ଟ ଷ୍ଟ୍ରୀଟ, ନୂଆ ଦିଲ୍ଲୀ ଠାରେ କୃଷକ ମୁକ୍ତି ସଂସଦରେ ଆଗତ କରାଯାଇଥିବା ବିଧେୟକର ସାରାଂଶ ଅଟେ। ସମ୍ପୂର୍ଣ୍ଣ ବିଲ http://www.aikscc.com/feedback.phpରେ ଉପଲବ୍ଧ ।

## ପ୍ରଥମ ଅଧ୍ୟାୟ : ସଂଜ୍ଞା

**"କୃଷି"** ଅର୍ଥାତ ଫଳ ଚାଷ, ଔଷଧୀୟ ବୃକ୍ଷ ଚାଷ, ମୁଖ୍ୟ ଫସଲ ସହିତ ଅନ୍ତଃ ଫସଲ ଚାଷ, ପନିପରିବା ଚାଷ, ଦୁଗ୍ଧ ଉତ୍ପାଦନ, ଜଙ୍ଗଲଜାତ ଦ୍ରବ୍ୟ (ଗୌଣ) ସଂଗ୍ରହ, ଫୁଲ,ଘାସ, ଗୋଖାଦ୍ୟ ଉଦ୍ଦେଶରେ ଘାସ ବା ଗଛ ଚାଷ ବା ମାଟିରେ କରାଯାଉଥିବା ଅନ୍ୟ ଯେ କୌଣସି ଚାଷ, ଚାରା ପ୍ରସ୍ତୁତି, ପଶୁଧନ ଉତ୍ପାଦନ ଓ ଲାଳନପାଳନ (ଖାଦ୍ୟ ରୂପେ ବ୍ୟବହାର କରାଯାଉଥିବା ମାଛ, ଶାମୁକା ଆଦି, ମହୁମାଛି, ଟସର, କୁକୁଡା, ବତକ, ଗୋରୁଗାଈ, ଘୁଷୁରି ଆଦି) ଏବଂ କୃଷି ଉପଯୋଗୀ କାର୍ଯ୍ୟରେ ଜମିର ବ୍ୟବହାର ବା ଅନ୍ୟ କୌଣସି କୃଷି ଭିତ୍ତିକ କାର୍ଯ୍ୟ ପାଇଁ ଜମିର ବ୍ୟବହାର;

**"କୃଷକ"** ଅର୍ଥାତ ଜୀବିକାର୍ଜ୍ଜନ ବା ଆର୍ଥିକ ରୋଜଗାର ନିମନ୍ତେ ଫସଲ ଉପୁଜାଇବା କାର୍ଯ୍ୟରେ କାର୍ଯ୍ୟରତ ଥିବା ଯେ କୌଣସି ବ୍ୟକ୍ତି ବା ନିଜସ୍ୱ ଜମି ଥାଇ ବା ନ ଥାଇ କୃଷି ଭିତ୍ତିକ କୌଣସି ଦ୍ରବ୍ୟ ଉତ୍ପାଦନ କରୁଥିବା ବ୍ୟକ୍ତି; କୃଷିରେ ସକ୍ରିୟ କାର୍ଯ୍ୟରତ ଥିବା ସମସ୍ତ ବ୍ୟକ୍ତି, କୃଷି ଶ୍ରମିକ, ଭାଗଚାଷୀ, ଭଡା ସୂତ୍ରରେ ଚାଷ କରୁଥିବା ବ୍ୟକ୍ତି, କୁକୁଡା ଓ ଅନ୍ୟାନ୍ୟ ପଶୁପକ୍ଷୀ ପାଳନ କରୁଥିବା ବ୍ୟକ୍ତି, ମହୁ ଚାଷୀ, ପଶୁପାଳକ, ଅଣକର୍ପୋରେଟ ଉଦ୍ୟାନ ମାଲିକ ବା ପରିଚାଳକ ଓ ଉଦ୍ୟାନ ଶ୍ରମିକ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରି। ଜମି ଲିଜ ସୂତ୍ରରେ ନେଇ ବ ଗୋଷ୍ଠୀଗତ ମାଲିକାନାତ୍ୱରେ ଜମି ଚାଷ କରୁଥିବା ସ୍ୱୟଂ ସହାୟକ ଦଳ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।

**"ଋଣ"** ଅର୍ଥାତ କୌଣସି ଦେୟତା, ଏହି ଆଇନ ପ୍ରଚଳନ କରିବା ଦିନ ବା ତା' ପୂର୍ବରୁ ଚାଷୀ ଉପରେ ଥିବା ଋଣ, କିମ୍ବା ରାଜ୍ୟର କୌଣସି ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ, ସରକାର ଘୋଷଣା ଅନୁଯାୟୀ, ବା ଚୁକ୍ତି ଅନୁଯାୟୀ ବା ନ୍ୟାୟାଳୟର ଆଦେଶ କ୍ରମେ ବା ଅନ୍ୟ କୌଣସି ମତେ ପରିଶୋଧ କରିବାକୁ ଥିଲେ ଏବଂ ଏଥିରେ ଘରୋଇ ବ୍ୟକ୍ତିଗତ ବା ପ୍ରତିଷ୍ଠାନରୁ ଋଣ ମଧ୍ୟ ଅନ୍ତର୍ଭୁକ୍ତ ଅଟେ। ମାତ୍ର ଋଣ କେବଳ କୃଷି ବା ନିଜର ଆୟ ବୃଦ୍ଧି ପାଇଁ କୃଷି ସଂଲଗ୍ନ ବ୍ୟବସାୟିକ କାର୍ଯ୍ୟ ନିମିତ୍ତ ହୋଇଥିବ, ଅନ୍ୟ କୌଣସି ବ୍ୟବସାୟ ବା ବିଳାସବ୍ୟସନ ନିମିତ୍ତ ହୋଇ ନ ଥିବ।

## ଦ୍ୱିତୀୟ ଅଧ୍ୟାୟ : ତୁରନ୍ତ ଋଣ ଛାଡ

- ପ୍ରତ୍ୟେକ ଚାଷୀ, ବିନା ସର୍ତ୍ତରେ, ନଭେମ୍ବର ୨୦, ୨୦୧୭ ତାରିଖ ପର୍ଯ୍ୟନ୍ତ ତାଙ୍କ ଉପରେ ଥିବା ସମସ୍ତ ଆନୁଷ୍ଠାନିକ ଋଣରୁ ଛାଡ ପାଇବେ।
- ଗୋଟିଏ ଥରରେ ସମସ୍ତ ଋଣ ଛାଡ କରାଯିବ। ନୂଆ ଋଣ ପରବର୍ତ୍ତୀ ଫସଲ ସମୟରେ ଦିଆଯିବ। ଋଣ ଛାଡର କୌଣସି ପ୍ରଭାବ ଏଥିରେ ରହିବ ନାହିଁ ।
- ସରକାର ପ୍ରଥମେ ଯଥାରୀତି ସମସ୍ତ ଅଣଆନୁଷ୍ଠାନିକ ଋଣକୁ ଆନୁଷ୍ଠାନିକ ଋଣରେ ପରିବର୍ତ୍ତନ କରିବେ ଓ
- ତା' ପରେ ଆଇନ ଅନୁଯାୟୀ ସମସ୍ତ ଆନୁଷ୍ଠାନିକ ଋଣ ଛାଡ କରିବେ।
- ଗତ ଆର୍ଥିକ ବର୍ଷ ଠାରୁ ଉପର ଲିଖିତ ତାରିଖ ମଧ୍ୟରେ ଯେଉଁ ଚାଷୀମାନେ ନେଇଥିବା ଋଣ ପରିଶୋଧ କରିଛନ୍ତି, ତାହା ସେମାନେ ଫେରସ୍ତ ପାଇବେ।

## ତୃତୀୟ ଅଧ୍ୟାୟ: କୃଷକ ଋଣ ଉପଶମ ଆୟୋଗ

- ଜଣେ ଅବସର ପ୍ରାପ୍ତ ସୁପ୍ରିମ କୋର୍ଟ ନ୍ୟାୟାଧୀଶ କୃଷକ ଋଣ ଉପଶମ ଆୟୋଗର ମୁଖ୍ୟ ରହିବେ। ଏଥିରେ ଆଉ ନଅ ଜଣ ସଦସ୍ୟ ରହିବେ – ଦୁଇ ଜଣ ବିଚାରପତି, ଚାରି ଜଣ କୃଷକ ପ୍ରତିନିଧି, ଦୁଇ ଜଣ ବିଶେଷଜ୍ଞ ଓ ଅର୍ଥନୈତିକ/ସମବାୟ କ୍ଷେତ୍ରରୁ ଜଣେ । ଆୟୋଗର କାର୍ଯ୍ୟ କାଳ ପାଞ୍ଚ ବର୍ଷ ଓ ପରେ ଆବଶ୍ୟକତା ଅନୁଯାୟୀ ବୃଦ୍ଧି ଯାଇପାରେ।
- ଏହି ଆୟୋଗ ଆଇନ କାର୍ଯ୍ୟକାରୀତା ସମ୍ପୃକ୍ତ କୃଷକମାନଙ୍କର ଅଭିଯୋଗ ଗ୍ରହଣ କରିବେ ଓ ମାମଲାଗୁଡିକ ସମାଧାନ କରିବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟ ପଦ୍ଧତି ଅବଗତ କରାଇବା ସହିତ ନିର୍ଦ୍ଦେଶ ଦେବେ।
- ପରବର୍ତ୍ତୀ ବର୍ଷମାନଙ୍କରେ ନିର୍ଦ୍ଦିଷ୍ଟ ଜିଲ୍ଲା ବା ଜିଲ୍ଲାର କେତେକ ଅଞ୍ଚଳକୁ ପ୍ରପୀଡିତ-ଅଞ୍ଚଳ ଓ (କ୍ଷ)ପ୍ରଭାବିତ ନିର୍ଦ୍ଦିଷ୍ଟ ଫସଲ ଅଞ୍ଚଳ ଭାବେ ଘୋଷଣା କରିପାରିବେ। ଏହା ସେ ନିଜ ବିଚାର ଅନୁସାରେ କିମ୍ବା ଦରଖାସ୍ତ ଆଧାରରେ କରିପାରିବେ, ଏଥି ପାଇଁ ସେ ଆୟୋଗ ତରଫରୁ ବିଶେଷଜ୍ଞଙ୍କ ଦ୍ୱାରା ଆବଶ୍ୟକୀୟ ତଦନ୍ତ କରାଇବେ।
- ଘୋଷିତ ପ୍ରପୀଡିତ-ଅଞ୍ଚଳ ଓ (କ୍ଷ)ପ୍ରଭାବିତ ନିର୍ଦ୍ଦିଷ୍ଟ ଫସଲ ଅଞ୍ଚଳରେ ଆନୁଷ୍ଠାନିକ ଓ ଅଣ- ଆନୁଷ୍ଠାନିକ, ଆଂଶିକ ବା ସମ୍ପୂର୍ଣ୍ଣ ଋଣ ଛାଡ ନିମନ୍ତେ ସରକାରଙ୍କୁ ସୁପାରିସ କରିବେ।
- ଘୋଷିତ ପ୍ରପୀଡିତ-ଅଞ୍ଚଳ ଓ (କ୍ଷ)ପ୍ରଭାବିତ ନିର୍ଦ୍ଦିଷ୍ଟ ଫସଲ ଅଞ୍ଚଳରେ ଆୟୋଗ ଆଦେଶ ଦେଇପାରିବେ : କ} ସ୍ୱଳ୍ପ ମିଆଦି ଋଣକୁ ମଧ୍ୟମ ମିଆଦି ଋଣରେ ପରିବର୍ତ୍ତନ କରିବାକୁ ଓ ମଧ୍ୟମ ମିଆଦି ଋଣକୁ ଦୀର୍ଘ ମିଆଦି ଋଣରେ ପରିବର୍ତ୍ତନ କରିବାକୁ, ଖ} କେତେକ ଋଣ ସମ୍ପୂର୍ଣ୍ଣ ଛାଡ କରିବାକୁ, ଗ} କୃଷକ ପ୍ରସ୍ତୁତ ଥିଲେ ଥରକରେ ପୁରା ଋଣ ପରିଶୋଧ କରିବାକୁ, ଘ} ଦଣ୍ଡନୀୟ ସୁଧ ବା ସମ୍ପୂର୍ଣ୍ଣ ସୁଧ ଛାଡ କରିବାକୁ ।
- ପ୍ରପୀଡିତ ଅଞ୍ଚଳରେ ଛୋଟ ଛୋଟ ଦଳ (bench) ରେ ବୈଠକ କରି ଚାଷୀଙ୍କ ଋଣ ବିଷୟରେ ଅନୁଧ୍ୟାନ କରି ସିଦ୍ଧାନ୍ତ ନେବେ।
- ଅଣଆନୁଷ୍ଠାନିକ କ୍ଷେତ୍ରରୁ ଋଣ କରାଯାଇଥିଲେ ଆୟୋଗ
    - ଏକ ନ୍ୟାୟ ସଙ୍ଗତ ସୁଧ ହାର ସ୍ଥିର କରିପାରିବେ; ଆୟୋଗ ଧାର୍ଯ୍ୟ କରିଥିବା ମତେ ସମସ୍ତ ସୁଧ ସରକାରଙ୍କ ତରଫରୁ ପଇଠ କରାଯିବ।
    - ଫସଲ କ୍ଷୟକ୍ଷତିକୁ ଦେଖି ସମସ୍ତ ଋଣ ପରିଶୋଧ କରିବାର ସମୟ ସୀମା ବଢାଇ ପାରିବେ, ହେଲେ ତିନି ବର୍ଷରୁ ଅଧିକ ସମୟ ଦେବେ ନାହିଁ ।
    - ସମସ୍ତ ଅଣଆନୁଷ୍ଠାନିକ ଋଣକୁ ଆନୁଷ୍ଠାନିକ ଋଣରେ ପରିବର୍ତ୍ତନ କରିବା ନିମନ୍ତେ ନିର୍ଦ୍ଦେଶ ଦେବେ।
- ବ୍ୟବସାୟିକ ବ୍ୟାଙ୍କରୁ ନେଇଥିବା ଋଣ ବାବଦରେ ସମସ୍ୟା ଥିଲେ ଚାଷୀଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବେ ଓ ଚାଷୀଙ୍କ ସହାୟତା ଲାଗି ଆବଶ୍ୟକୀୟ ନିର୍ଦ୍ଦେଶ ଦେବେ।
- ପ୍ରପୀଡିତ-ଅଞ୍ଚଳ ଓ (କ୍ଷ)ପ୍ରଭାବିତ ନିର୍ଦ୍ଦିଷ୍ଟ ଫସଲ ଘୋଷଣା କରାଯାଇଥିବା ଅଞ୍ଚଳରେ ଋଣ ପରିଶୋଧ କରିବା ନିମନ୍ତେ ଚାଷୀଙ୍କ ବିରୋଧରେ କୌଣସି ପ୍ରକାର ମକଦ୍ଦମା କରାଯାଇପାରିବ ନାହିଁ ।

- ଜୋର ଜବରଦସ୍ତ ଋଣ ଅସୁଲ କରିବା ବା ଋଣ ନେଇଥିବା ଚାଷୀଙ୍କ ନାମ ଘୋଷଣା କରି ତାଙ୍କୁ ଲଜ୍ଜିତ କରିବା ପରି ପନ୍ଥାର ପ୍ରତିରୋଧ କରିବାର କ୍ଷମତା ଆୟୋଗଙ୍କ ହାତରେ ରହିବ।
- କୌଣସି ଚାଷୀ ଯଦି ଋଣ ନେଇଥିବା ମୂଳଧନ ଓ ସୁଧ ବାବଦକୁ ମୂଳଧନ ସମ ପରିମାଣର ଅର୍ଥ ପରିଶୋଧ କରିସାରିଛନ୍ତି, ତେବେ ସେ ଋଣ ମୁକ୍ତ ବୋଲି ବିବେଚନା କରାଯିବ।
- ଆୟୋଗଙ୍କ ନିର୍ଦ୍ଦେଶ ବା ଧାର୍ଯ୍ୟ ମୁତାବକ, ଛାଡ କରାଯାଇଥିବା ସମସ୍ତ ଋଣ ଓ ସୁଧ ବାବଦକୁ ଅର୍ଥ କିମ୍ବା ଥରକରେ ପରିଶୋଧ ବା ପରିଶୋଧ କରିବାର ଅବଧି ବର୍ଦ୍ଧିତ କରାଯିବା ଯୋଗୁଁ ଉପୁଜୁଥିବା ବ୍ୟବଧାନ ଅର୍ଥ ସରକାର ବହନ କରିବେ।

## ଚତୁର୍ଥ ଅଧାୟ : କେନ୍ଦ୍ର ସରକାରଙ୍କ କର୍ତ୍ତବ୍ୟ

* କୃଷି ଋଣ ତୁରନ୍ତ ଉପଶମ ନିମନ୍ତେ ତଥା କୃଷି ଋଣ ଉପଶମ ଆୟୋଗଙ୍କ ସୁପାରିଶ/ନିର୍ଦ୍ଦେଶ/ପ୍ରସ୍ତାବ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ବ୍ୟୟ କରିବେ।
* ଋଣ ପରିଶୋଧ କରି ନ ପାରିଲେ କେଉଁ କେଉଁ ଶ୍ରେଣୀର ସମ୍ପତ୍ତି ବ୍ୟାଜପ୍ତି ବ ନିଲାମ କରାଯାଇ ପାରିବ ନାହିଁ, ତାହାର ଏକ ତାଲିକା କେନ୍ଦ୍ର ସରକାର ପ୍ରସ୍ତୁତ କରିବେ।
* ରାଜ୍ୟ ସ୍ତରୀୟ ଋଣ ଉପଶମ ଆୟୋଗ ଗଠନ କରିବା ଉଦ୍ଦେଶ୍ୟରେ ରାଜ୍ୟମାନଙ୍କ ସକାଶେ ଏକ ଆଦର୍ଶ ଆଇନ କେନ୍ଦ୍ର ସରକାର ପ୍ରସ୍ତୁତ କରିବେ। ଏହି ଆୟୋଗ ସମବାୟ ବ୍ୟାଙ୍କ ଋଣ ଓ ଅଣଆନୁଷ୍ଠାନିକ ଋଣ ଉପଶମ ସକାଶେ ସମସ୍ତ ପରିଚାଳନା ଦାୟିତ୍ୱ ନେବେ।
* ବିପର୍ଯ୍ୟୟ ସମୟରେ/ବର୍ଷରେ ଚାଷୀମାନେ ଋଣଗ୍ରସ୍ତ ନ ହେବ ପାଇଁ କେନ୍ଦ୍ର ସରକାର ଯଥେଷ୍ଟ ପ୍ରକାର ଓ ଯଥାର୍ଥ ବିପର୍ଯ୍ୟୟ ଉପଶମ ଓ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିବେ।
* କେନ୍ଦ୍ର ସରକାର ଋଣଗ୍ରସ୍ତତା କମାଇବା ନିମନ୍ତେ ବ୍ୟାପକ ଅଞ୍ଚଳରେ ଅଳ୍ପ-ଖର୍ଚ୍ଚ ବିଶିଷ୍ଟ ପରିବେଶମୁଖୀ ଚାଷ ପ୍ରସାରଣ କରିବେ।
* କ୍ଷୁଦ୍ର ଓ ପ୍ରକୃତ ଚାଷୀଙ୍କୁ ଆନୁଷ୍ଠାନିକ ସୂତ୍ରରୁ ଋଣ ସହାୟତା ସୁନିଶ୍ଚିତ କରିବାକୁ ଅଗ୍ରାଧିକାର ଦେଇ ଋଣ ଦେବା-ନେବାର ସର୍ତ୍ତାବଳୀରେ କେନ୍ଦ୍ର ସରକାର ଆବଶ୍ୟକୀୟ ପରିବର୍ତ୍ତନ ଆଣିବେ।